# NATIONAL NEWS BULLETIN (ODIA)

**12 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୃଷକଙ୍କ କଲ୍ୟାଣ ଦିଗରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ।

- ହରିଆଣାରେ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ପାଇଁ ୨ ଦିନିଆ ଗସ୍ତରେ ଗଲେ ନିର୍ବାଚନ ଆୟୋଗ ।

- କୋଲକାତା ଆର୍.ଜି.କର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ସନ୍ଦୀପ ଘୋଷ

- ବିହାର ଜେହାନାବାଦ ଜିଲ୍ଲାରେ ଦଳାଚକଟାରେ ୭ଜଣଙ୍କର ମୃତ୍ୟୁ ।

ଏବଂ

- କେନ୍ଦ୍ର ବୟନ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି ଘରୋଇ ବିକ୍ରୟ ତଥା ହସ୍ତତନ୍ତ ଏବଂ ଏହାର ରପ୍ତାନୀ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

---

## ପିଏମ୍-ଫାର୍ମର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୃଷକଙ୍କ କଲ୍ୟାଣ ଦିଗରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କୃଷକଙ୍କ ସହ ତାଙ୍କର ସାକ୍ଷାତ ଏକ ସ୍ମରଣୀୟ ଅନୁଭୂତି ।

ଗତକାଲି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀର ଭାରତ କୃଷି ଅନୁସନ୍ଧାନ ପ୍ରତିଷ୍ଠାନରେ ୧୦୯ଟି ଅଧିକ ଅମଳକ୍ଷମ ଫସଲ କିସମ ଉନ୍ମୋଚନ କରିଛନ୍ତି ।

## ପିଏମ୍ -ଏଲିଫ୍ୟାଣ୍ଟ

ବିଶ୍ୱ ହାତୀ ଦିବସ ଅବସରରେ ହାତୀମାନଙ୍କୁ ସୁରକ୍ଷା ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ସଂପ୍ରଦାୟର ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ହାତୀ ଆମ ସଂସ୍କୃତି ଏବଂ ଇତିହାସ ସହିତ ଜଡ଼ିତ । ହାତୀମାନେ ଏକ ସୁବିଧାଜନକ ବାସସ୍ଥାନ ପାଇପାରିବେ, ଯେଉଁଠାରେ ସେମାନେ ଆଗକୁ ବଢ଼ିପାରିବେ । ସେଥିପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା ଯୋଗାଇବା ପାଇଁ ସେ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବର୍ଷକ ମଧ୍ୟରେ ହାତୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି ।

## ହ୍ୟାଣ୍ଡଲୁମ୍-ଏକ୍ସପୋ

କେନ୍ଦ୍ର ବୟନ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି ଘରୋଇ ବିକ୍ରୟ ତଥା ହସ୍ତତନ୍ତ ଏବଂ ଏହାର ରପ୍ତାନୀ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ନୂଆଦିଲ୍ଲୀରେ ହ୍ୟାଣ୍ଡଲୁମ୍ ଏକ୍ସପୋ ପରିଦର୍ଶନ କରିବା ପରେ ସେ କହିଛନ୍ତି ବର୍ତ୍ତମାନ ହସ୍ତତନ୍ତ କାରିଗର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ ଟେକ୍ନୋଲୋଜି ସହିତ ସେମାନଙ୍କୁ ନୂତନ ଡିଜାଇନ୍ ପ୍ରବର୍ତ୍ତନ କରିବାକୁ ସକ୍ଷମ କରୁଛନ୍ତି । ହସ୍ତତନ୍ତ ଉପରେ ଯୁବପିଢ଼ିମାନଙ୍କ ପ୍ରତିକ୍ରିୟା ସଂପର୍କରେ ମତପ୍ରକାଶ କରି ସେ କହିଛନ୍ତି ବିଭିନ୍ନ ଡିଜାଇନ, ଡେନିମ୍ ରେଶମ ଇତ୍ୟାଦି ପ୍ରଚଳିତ ହୋଇଛି ଏବଂ ବର୍ତ୍ତମାନ ହସ୍ତତନ୍ତ ଯୁବଗୋଷ୍ଠୀମାନଙ୍କ ପାଇଁ ଏକ ଫ୍ୟାଶନ ହୋଇଛି ।

## ସିକିମ୍ ବ୍ରିଜ୍

ଗତ ଅକ୍ଟୋବର ୨୦୨୩ରେ ବନ୍ୟା ଯୋଗୁଁ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେବା ପରେ ସୀମାନ୍ତ ସଡ଼କ ସଂଗଠନ-ବିଆର୍‌ଓ ସିକିମ୍‌ର ଇନ୍ଦ୍ରାଣୀ ବ୍ରିଜ୍‌କୁ ସଫଳତାର ସହ ପୁନଃ ନିର୍ମାଣ କରି ଉତ୍ତରପ୍ରଦେଶକୁ ପୁନଃ ସଂଯୋଗ କରିସାରିଛି । ପ୍ରୋଜେକ୍ଟ ସ୍ୱସ୍ତିକ ଅଧୀନରେ ଥିବା ଫୋର୍ସ ବି.ଆର୍.ଟିଏଫ୍, ଗାର୍ଡେନ୍ ରିଚ୍ ସିପ୍ ବିଲ୍‌ଡର୍ସ ସହିତ ମିଳିତ ସର୍ଭେ ପରେ ୩୦୦ଫୁଟ୍‌ର ବେଲି ସସ୍‌ପେନ୍‌ସନ୍ ବ୍ରିଜ୍ ନିର୍ମାଣରେ ଜଡ଼ିତ ଥିଲା ।

ଏହି ସଫଳତା ସିକିମ୍‌ର ପୁନରୁଦ୍ଧାର ଏବଂ ଭବିଷ୍ୟତର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଚିହ୍ନଟ କରି ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ଆବଶ୍ୟକତା ଅନୁଯାୟୀ ସ୍ଥିରତା, ଇଞ୍ଜିନିୟରିଂ ଦକ୍ଷତା ଏବଂ ସହଯୋଗକୁ ଆଲୋକିତ କରିଛି । ଏହି ସେତୁ ରାଜ୍ୟର ଆର୍ଥିକ ତଥା ସାମାଜିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

---

## ଇସିଆଇ-ହରିଆଣା

ଆସନ୍ତା ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ପାଇଁ ଆଜିଠାରୁ ୨ ଦିନିଆ ଗସ୍ତରେ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଦଳ ହରିଆଣା ଗସ୍ତ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର, ନିର୍ବାଚନ କମିଶନର ଜ୍ଞାନେଶ କୁମାର, ସୁଖବୀର ସିଂ ସାନ୍ଧୁ ଏବଂ ଆୟୋଗର ଅନ୍ୟ ଅଧିକାରୀମାନେ ବିଭିନ୍ନ ବୈଠକ କରିବେ ।

ବୈଠକରେ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ବରିଷ୍ଠ ଅଧିକାରୀଙ୍କ ସହ ଆୟୋଗ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବେ

ବୋଲି ହରିଆଣାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ କହିଛନ୍ତି ।

ସେ କହିଛନ୍ତି ଆସନ୍ତାକାଲି ସମଗ୍ର ରାଜ୍ୟରେ ମନିଟରିଂ ତଥା ସଚେତନତା ବୃଦ୍ଧି ପାଇଁ ଆୟୋଗ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଏଜେନ୍ସୀମାନଙ୍କୁ ନିର୍ଦ୍ଦେଶାବଳୀ ପ୍ରଦାନ କରାଯିବ । ଏହା ବ୍ୟତୀତ ଆୟୋଗ ମୁଖ୍ୟ ଶାସନ ସଚିବ, ପୋଲିସ୍ ମହାନିର୍ଦ୍ଦେଶକ, ଅନ୍ୟାନ୍ୟ ପ୍ରଶାସନିକ ସଚିବ ଏବଂ ବରିଷ୍ଠ ପୋଲିସ୍ ଅଧିକାରୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି ।

---

# ବିହାର- ୭ ମୃତ୍ୟୁ

ବିହାରରେ ଆଜି ସକାଳେ ଜେହାନାବାଦ ଜିଲ୍ଲାର ବାବା ସିଦ୍ଧେଶ୍ୱରନାଥ ମନ୍ଦିରରେ ଦଳାଚକଟାରେ ୭ଜଣ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୧୬ଜଣ ଆହତ ହୋଇଛନ୍ତି । ଜେହାନାବାଦ ଏସ୍‌ପି ଅରବିନ୍ଦ ପ୍ରତାପ ସିଂ କହିଛନ୍ତି କିଛି ପ୍ରସଙ୍ଗରେ ସ୍ଥାନୀୟ ବିକ୍ରେତା ଏବଂ ଭକ୍ତଙ୍କ ମଧ୍ୟରେ ବିବାଦ ଯୋଗୁଁ ଦଳାଚକଟାରେ ଏହି ଘଟଣା ଘଟିଥିଲା । ସେ କହିଛନ୍ତି ମନ୍ଦିର ପରିସର ଅତି ସଂକୀର୍ଣ୍ଣ । ଶ୍ରଦ୍ଧାଳୁଙ୍କ ଅତ୍ୟଧିକ ଭିଡ଼ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ।

ପବିତ୍ର ଶ୍ରାବଣମାସର ସୋମବାରରେ ଜଳାଭିଷେକ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶ୍ରୀ ସିଂ କହିଛନ୍ତି ଆହତମାନଙ୍କୁ ଜେହାନାବାଦ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ୍ ଘଟଣାର ତଦନ୍ତ କରୁଛି ଏବଂ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଘଟଣାରେ ପ୍ରାଣ ହରାଇଥିବା

ବ୍ୟକ୍ତିମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଦୁଃଖ ପ୍ରକାଶ କରିବା ସହ ସଂପୃକ୍ତ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ଜାମ୍ମୁକାଶ୍ମୀର ତିରଙ୍ଗା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କହିଛନ୍ତି ଜାମ୍ମୁ କାଶ୍ମୀରବାସୀଙ୍କ ଦ୍ୱାରା ପରିଚାଳିତ ତ୍ରିରଙ୍ଗା ଯାତ୍ରା ପ୍ରେରଣାଦାୟକ । ପ୍ରଧାନମନ୍ତ୍ରୀଙ୍କ ହର୍ ଘର ତିରଙ୍ଗା ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ଜାମ୍ମୁ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

## କୋଲ୍‌କାତା- ମେଡ଼ିକାଲ କଲେଜ

ପଶ୍ଚିମବଙ୍ଗର କୋଲକାତା ସ୍ଥିତ ଆର୍.ଜି.କର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଅଧ୍ୟକ୍ଷ ସନ୍ଦୀପ ଘୋଷ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଜଣେ ଦ୍ୱିତୀୟବର୍ଷ ଡାକ୍ତରୀ ଛାତ୍ରୀଙ୍କ ବଳାତ୍କାର ଏବଂ ହତ୍ୟା ମାମଲାରେ ସଂଗଠିତ ବିକ୍ଷୋଭ ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଶ୍ରୀ ଘୋଷ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଇସ୍ତଫା ପ୍ରଦାନ କରିବା ସହ ଶ୍ରୀ ଘୋଷ ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ଧାରଣାରୁ ନିବୃତ ରହି କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଏଭଳି ଅଭିଯୋଗ ରାଜନୈତିକ ଅଭିସନ୍ଧିମୂଳକ । ଅନ୍ୟପକ୍ଷରେ ଧାରଣାରତ ଛାତ୍ରଛାତ୍ରୀ ଏବଂ କର୍ମଚାରୀ ତାଙ୍କର ୪ଦଫା ଦାବି ପୂରଣ କରିବାକୁ କହିଛନ୍ତି ।

ପଶ୍ଚିମବଙ୍ଗ ପୋଲିସ୍ ଏହି ଘଟଣାରେ ଜଣକୁ ପୂର୍ବରୁ ଗିରଫ କରିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମେଡ଼ିକାଲ ସୁପରିନ୍‌ଟେଣ୍ଡେଣ୍ଟ ତଥା ଭାଇସ୍ ପ୍ରିନ୍ସିପାଲ ଡକ୍ଟର ସଂଜୟ ବଶିଷ୍ଠଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୫ ତାରିଖ ରବିବାର ଦିନ ଆକାଶବାଣୀର ମାସିକ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ଏହା ହେବ ମନ୍ କୀ ବାତ୍‌ର ୧୧୩ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କଠାରୁ ସେମାନଙ୍କର ବିଚାର ଓ ପ୍ରସ୍ତାବ ଆହ୍ୱାନ କରିଛନ୍ତି । ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦ ମାଧ୍ୟମରେ ସେମାନଙ୍କର ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି । ସେହିଭଳି ନରେନ୍ଦ୍ର ମୋଦି ଆପ୍ କିମ୍ବା ମାଇଁ ଗଭ୍ ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଦେଶବାସୀ ସେମାନଙ୍କ ମତ ଉପସ୍ଥାପନ କରିପାରିବେ । ଆସନ୍ତା ୨୩ ତାରିଖ ଶୁକ୍ରବାର ସୁଦ୍ଧା ମତ ଉପସ୍ଥାପନ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟ୍‌ୱାର୍କ, ନ୍ୟୁଜଅନ୍ ଏୟାର ମୋବାଇଲ୍ ଆପ୍ ଏବଂ ଆକାଶବାଣୀ, ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ

ସିଧାସଳଖ ପ୍ରସାରଣ କରାଯିବ । ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

## ହିଣ୍ଡନବର୍ଗ-ସେବୀ

ହିଣ୍ଡେନବର୍ଗର ଖବର ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ପୂର୍ବରୁ ନିବେଶକଙ୍କୁ ଶାନ୍ତ ରହିବା ସହ ସତର୍କତା ଅବଲମ୍ବନ କରିବାକୁ 'ସେବୀ' ପକ୍ଷରୁ ପରାମର୍ଶ ଦିଆଯାଇଛି। ଷ୍ଟକମାର୍କେଟ ସ୍ଥିତି ନେଇ ହିଣ୍ଡେନବର୍ଗର ରିପୋର୍ଟ ତଥ୍ୟଭିତ୍ତିକ ନୁହେଁ ବୋଲି ସେବୀ ସ୍ପଷ୍ଟ କରିଛି । ହିଣ୍ଡେନବର୍ଗ ରିସର୍ଚ୍ଚ ଦ୍ୱାରା ଆଦାନୀ ଗ୍ରୁପ୍ ବିରୁଦ୍ଧରେ ଯେଉଁ ଅଭିଯୋଗ ଆସିଛି, ତା'ର ତଦନ୍ତ କରାଯାଉଛି ବୋଲି ସେବୀ କହିଛି ।

---

## ଫିଲିପାଇନ୍ସ

ଦକ୍ଷିଣ ଚୀନ୍ ସାଗରରେ ପାଟ୍ରୋଲିଂ କରୁଥିବା ଫିଲିପାଇନ୍ସର ବିମାନ ବିରୁଦ୍ଧରେ ଚୀନ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଫିଲିପାଇନ୍ସ ନିନ୍ଦା କରୁଛି । ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଂଡ୍ ଆର୍ ମାର୍କୋସ୍ ଜୁନିୟର୍ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଫିଲିପାଇନ୍ସର ବାୟୁସେନା ଯବାନଙ୍କ ସପକ୍ଷରେ ସେ ନିଜ ମତ ଉପସ୍ଥାପନ କରିଛନ୍ତି । ଫିଲିପାଇନ୍ସର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ମଧ୍ୟରେ ଥିବା ଜାମ୍ବାଲେସ୍ ଉପକୂଳରୁ ପ୍ରାୟ ୧୨୦ ନଟିକାଲ୍ ମାଇଲ୍ ଦୂରରେ ରହିଥିବା ବାଜୋ ଡି ମାସିନ୍‌ଲକ୍ ଉପରେ ପେଟ୍ରୋଲିଂ କରୁଥିବା ଫିଲିପାଇନ୍ସ ବିମାନ ବିରୁଦ୍ଧରେ ଚୀନର ପିପୁଲ୍ସ ଲିବରେସନ ଆର୍ମି ଏୟାରଫୋର୍ସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନେଇ ଗତ ୧୦ ତାରିଖରେ ଫିଲିପାଇନ୍ସର ସଶସ୍ତ୍ର ବାହିନୀ ରିପୋର୍ଟ ଉପସ୍ଥାପନ

କରିଥିଲା । ଅନ୍ୟପକ୍ଷରେ ଚୀନ୍ କହିଛି ଦକ୍ଷିଣ ଚୀନ୍ ସାଗରରେ ଥିବା ହ୍ୱାଙ୍ଗ୍ ଗ୍ୟାଙ୍ଗ ଡାଓ ଉପରେ ବେଆଇନ ଭାବେ ଫିଲିପାଇନ୍ସର ବିମାନ ପ୍ରବେଶ କରିଥିଲା ।

---

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **'ବିପର୍ଯ୍ୟୟ ସମୟରେ ସୁରକ୍ଷିତ ରହିବାର ଉପାୟ'** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସଦସ୍ୟ ଏସ୍. ବସୁ ଏବଂ ନୂଆଦିଲ୍ଲୀ ସ୍ଥିତ ଏମ୍ସ୍‌ର ଜେ.ପି.ଏନ୍.ଏ. ଟ୍ରମା ସେଣ୍ଟର ମୁଖ୍ୟ ଡାକ୍ତର କାମରାନ୍ ଫାରୁକ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

---